ପ୍ରେମ୍ ସାଗର

ବନାମ

ଧରମବୀର ଏବଂ ଅନ୍ୟମାନେ

ଅକ୍ଟୋବର 29, 2003

[ଦୋରାଇସ୍ୱାମୀ ରାଜୁ ଏବଂ ଅରିଜିତ୍ ପଶାୟତ, ନ୍ୟାୟମୂର୍ତ୍ତି ଦ୍ୱୟ]

*ଦଣ୍ଡ ସଂହିତା, 1860:*

*ଧାରା 302 - ହତ୍ୟା - ମୃତ୍ୟୁଦଣ୍ଡ - ଲାଗୁ କରିବା - ନିର୍ଣ୍ଣୟ ହେଲା :ପ୍ରତ୍ୟେକ ହତ୍ୟାକାଣ୍ଡରେ ବର୍ବରତା ଅନ୍ତର୍ନିହିତ ଥାଏ, କିନ୍ତୁ ପ୍ରତ୍ୟେକ ହତ୍ୟାକାଣ୍ଡ କ୍ଷେତ୍ରରେ ମୃତ୍ୟୁଦଣ୍ଡ ଦିଆଯାଇନଥାଏ - ଆଜୀବନ କାରାଦଣ୍ଡ ହେଉଛି ନିୟମ ଏବଂ ମୃତ୍ୟୁଦଣ୍ଡ ହେଉଛି ବ୍ୟତିକ୍ରମ - ବିରଳରୁ ବିରଳତମ ମାମଲାରେ ଦ୍ୱିତୀୟଟି ଲାଗୁ କରାଯାଇଥାଏ ।*

**ଅପିଲକାରୀମାନଙ୍କ ସହିତ ସେମାନଙ୍କର ଦୁଇଜଣ ସହୋଦର ଭାଇ ଓ ମାତାଙ୍କୁ ମିଶାଇ ମୋଟ ଛଅଜଣ ଅଭିଯୁକ୍ତଙ୍କ ବିରୁଦ୍ଧରେ ତିନିଜଣ ବ୍ୟକ୍ତିଙ୍କ ହତ୍ୟା ଅଭିଯୋଗରେ ଦୋଷାରୋପ ପତ୍ର ଦାଖଲ କରାଯାଇଥିଲା । ପ୍ରଥମ ଦୁଇ ଜଣ ଅପିଲକାରୀଙ୍କୁ ବିଚାରଣ ନ୍ୟାୟାଳୟ ମୃତ୍ୟୁଦଣ୍ଡ ଦେଇଥିବା ବେଳେ ତୃତୀୟ ଅପିଲକାରୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା । ଅପିଲରେ, ଉଚ୍ଚ ନ୍ୟାୟାଳୟ ପ୍ରଥମ ଦୁଇ ଅପିଲକାରୀଙ୍କ କ୍ଷେତ୍ରରେ ମୃତ୍ୟୁଦଣ୍ଡକୁ ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରିଥିଲେ । ତେବେ ଦଣ୍ଡବିଧାନକୁ ବଜାୟ ରଖାଯାଇଥିଲା । ସେଥିପାଇଁ ଏହି ଅପିଲ ।**

**ଅପିଲକୁ ଫଇସଲା କରି ନ୍ୟାୟାଳୟ**

**ନିର୍ଣ୍ଣୟ କଲେ: 1. ପ୍ରତ୍ୟେକ ହତ୍ୟାକାଣ୍ଡରେ ବର୍ବରତା ଅନ୍ତର୍ନିହିତ ଥାଏ, କିନ୍ତୁ ପ୍ରତ୍ୟେକ ହତ୍ୟାକାଣ୍ଡ କ୍ଷେତ୍ରରେ ମୃତ୍ୟୁଦଣ୍ଡ ଦିଆଯାଇନଥାଏ । ଆଜୀବନ କାରାଦଣ୍ଡ ହେଉଛି ନିୟମ ଏବଂ ମୃତ୍ୟୁଦଣ୍ଡ ହେଉଛି ବ୍ୟତିକ୍ରମ । ଦ୍ୱିତୀୟଟି କେବଳ ବିରଳରୁ ବିରଳତମ ମାମଲାଗୁଡ଼ିକରେ ହିଁ ପ୍ରଦାନ କରାଯାଏ ।**

ଫୌଜଦାରୀ ଅପିଲିୟ କ୍ଷେତ୍ରାଧିକାରିତା : ଫୌଜଦାରୀ ଅପିଲ ସଂଖ୍ୟା 243/2003 ।

ହତ୍ୟା ବିଚାରାର୍ଥେ ପ୍ରେରଣ ସଂଖ୍ୟା 2/2002 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 14.9.2002 ତାରିଖର ରାୟ ଏବଂ ଆଦେଶରୁ ।

ଏହା ସହିତ

ଫୌଜଦାରୀ ଅପିଲ ସଂଖ୍ୟା 242/2003 ।

ଉପସ୍ଥିତ ପକ୍ଷମାନଙ୍କ ପାଇଁ ପି.ସି. ଜୈନ, ବଲବୀର ସିଂହ ଗୁପ୍ତା, ଆର୍.ଏନ୍. କୁଶ, ପ୍ରେମ ମାଲହୋତ୍ରା ଏବଂ ବିନୟ କେ. ଗର୍ଗ ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା

**ନ୍ୟାୟମୂର୍ତ୍ତି ଅରିଜିତ୍ ପଶାୟତ :** ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ସମାନ ରାୟ ବିରୁଦ୍ଧରେ ନିର୍ଦ୍ଦେଶିତ ଏହି ଦୁଇଟି ଅପିଲ ପରସ୍ପର ସହ ସଂଯୁକ୍ତ । ଫୌଜଦାରୀ ଅପିଲ ସଂଖ୍ୟା 242/2003 ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କ ଦ୍ୱାରା ହୋଇଥିବାବେଳେ, ଫୌଜଦାରୀ ଅପିଲ ସଂଖ୍ୟା 243/2003 ସୂଚନାଦାତାଙ୍କ ଦ୍ୱାରା ହୋଇଛି । ଫୌଜଦାରୀ ଅପିଲ ସଂଖ୍ୟା 242/2003 ରେ ଥିବା ତିନିଜଣ ଅପିଲକାରୀଙ୍କୁ ଭାରତୀୟ ଦଣ୍ଡ ସଂହିତା, 1860 (ସଂକ୍ଷେପରେ 'ଆଇପିସି') ର ଧାରା 302 ସହ ପଠିତ ଧାରା 34 ଏବଂ 120-B ଅନୁଯାୟୀ ଦଣ୍ଡନୀୟ ଅପରାଧରେ ଦୋଷୀ ବୋଲି ଘୋଷଣା କରାଯାଇଛି । ଅଭିଯୁକ୍ତ-ଅପିଲକାରୀ ଧରମବୀର ଏବଂ ଯୋଗିନ୍ଦରଙ୍କୁ ହିସାରର ବିଦ୍ୱାନ ଦୌରା ବିଚାରପତି ମୃତ୍ୟୁଦଣ୍ଡ ଦେଇଥିବାବେଳେ ଅପିଲକାରୀ-କରମବୀରଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା । ପ୍ରତ୍ୟେକ ଅଭିଯୁକ୍ତଙ୍କୁ 25,000 ଟଙ୍କା ଲେଖାଏଁ ଜୋରିମାନା ଦେବାକୁ କୁହାଯାଇଥିଲା । ଉଚ୍ଚ ନ୍ୟାୟାଳୟରେ ଆଗତ ହୋଇଥିବା ଅପିଲରେ, ଅଭିଯୁକ୍ତ-ଧରମବୀର ଏବଂ ଯୋଗିନ୍ଦରଙ୍କ ମାମଲାରେ ମୃତ୍ୟୁଦଣ୍ଡକୁ ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରାଯାଇଥିଲା । ତେବେ ଦଣ୍ଡବିଧାନ ଜାରି ରହିଥିଲା । ଏହା ଉଲ୍ଲେଖନୀୟ ଯେ, ଅପିଲକାରୀମାନଙ୍କର ବିଜ୍ଞ ଓକିଲଙ୍କ ଦ୍ୱାରା ଏହି ନ୍ୟାୟାଳୟକୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତ ଯୋଗିନ୍ଦର ଅପିଲ ବିଚାରାଧୀନ ଥିବା ସମୟରେ ମୃତ୍ୟୁବରଣ କରିଛନ୍ତି; ତେଣୁ ତାଙ୍କ ସମ୍ବନ୍ଧରେ ଦାଖଲ ହୋଇଥିବା ଅପିଲ ଅବସାନ ହୋଇଯାଇଛି ।

ପୃଷ୍ଠଭୂମିର ତଥ୍ୟ ନିମ୍ନରେ ଦିଆଗଲା:

ଅପିଲକାରୀମାନେ (ଧର୍ମବୀର, ଯୋଗିନ୍ଦର ସିଂହ ଏବଂ କରମବୀର) ସେମାନଙ୍କର ଦୁଇଜଣ ସହୋଦର ଭାଇ ଜଗବୀର ସିଂହ ଓ ଜସବୀର ସିଂହ ଏବଂ ସେମାନଙ୍କ ମାତା ବନସ୍ପତିଙ୍କ ସହିତ, ମୋଟ ଛଅଜଣ ଅଭିଯୁକ୍ତଙ୍କ ବିରୁଦ୍ଧରେ ଏହି ଅଭିଯୋଗ ଉପରେ ବିଦ୍ୱାନ ବିଚାରଣ ନ୍ୟାୟାଳୟଙ୍କ ଦ୍ୱାରା ଦୋଷାରୋପ ପତ୍ର କରାଯାଇଥିଲା ଯେ ଘଟଣା ତାରିଖ ଅର୍ଥାତ 29.06.2000 ତାରିଖର ପ୍ରାୟ 7-8 ଦିନ ପୂର୍ବରୁ, ମାୟାର ଗ୍ରାମ ଅଞ୍ଚଳରେ ସେମାନେ ଦଲବୀର, ବିଜେନ୍ଦ୍ର ଏବଂ ଶ୍ରୀମତୀ କିତାବୋଙ୍କୁ ହତ୍ୟା କରିବା ପାଇଁ ଏକ ବେଆଇନ କାର୍ଯ୍ୟ କରିବାର ସଙ୍କଳ୍ପ ଓ ଷଡଯନ୍ତ୍ର କରିଥିଲେ ଏବଂ ପରବର୍ତ୍ତୀକାଳରେ ସେହି ସଂକଳ୍ପ ଓ ଷଡଯନ୍ତ୍ରର ଅନୁସରଣରେ ସେମାନେ ଉକ୍ତ ବ୍ୟକ୍ତିମାନଙ୍କୁ ହତ୍ୟା କରିଥିଲେ ଏବଂ ଏହିପରି ଭାବେ ଭାରତୀୟ ଦଣ୍ଡ ସଂହିତାର ଧାରା 120-B ଅନୁଯାୟୀ ଅପରାଧ ସଂଘଟିତ କରିଥିଲେ । ଅପିଲକାରୀମାନଙ୍କ ବିରୁଦ୍ଧରେ ଦ୍ୱିତୀୟ ଅଭିଯୋଗ ଥିଲା ଯେ, 29.06.2000 ତାରିଖ ରାତି ପ୍ରାୟ 10.30 ଘଟିକା ସମୟରେ, ଉକ୍ତ ଗ୍ରାମ ଅଞ୍ଚଳରେ ଏବଂ ସେମାନଙ୍କ ଦ୍ୱାରା ରଚିତ ଷଡଯନ୍ତ୍ରର ଅନୁସରଣରେ, ସେମାନେ ଦଲବୀର, ବିଜେନ୍ଦ୍ର ଏବଂ ଶ୍ରୀମତୀ କିତାବୋଙ୍କୁ ହତ୍ୟା କରିଥିଲେ ଏବଂ ଏହା ଦ୍ୱାରା ଭାରତୀୟ ଦଣ୍ଡ ସଂହିତାର ଧାରା 120-B ସହ ଧାରା 302 ଅନୁଯାୟୀ ଦଣ୍ଡନୀୟ ଅପରାଧ ସଂଘଟିତ କରିଥିଲେ । ତୃତୀୟତଃ, ସେହି ଦିନ, ସେହି ସମୟ ଏବଂ ସେହି ସ୍ଥାନରେ, ଅପିଲକାରୀ-ଧର୍ମବୀର, ସହ-ଅଭିଯୁକ୍ତ ଯୋଗିନ୍ଦର ଏବଂ

କରମବୀରଙ୍କ ଏକକ ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ କରିବା ପାଇଁ, ଜାଣିଶୁଣି  ଦଲବୀରଙ୍କ ମୃତ୍ୟୁ ଘଟାଇ ହତ୍ୟା କରିଥିଲେ ଏବଂ ଏହା ଦ୍ୱାରା ସେ ଭାରତୀୟ ଦଣ୍ଡ ସଂହିତାର ଧାରା 302 ଅନୁଯାୟୀ ଦଣ୍ଡନୀୟ ଅପରାଧ କରିଥିଲେ, ଯେତେବେଳେ କି ତାଙ୍କ ସହ-ଅଭିଯୁକ୍ତ ଯୋଗିନ୍ଦର ଓ କରମବୀର ଧାରା 302/34 ଆଇପିସି ଅନୁଯାୟୀ ଦଣ୍ଡନୀୟ ଅପରାଧ  କରିଥିଲେ । ଚତୁର୍ଥରେ, ସେହି ଦିନ ଏବଂ ମାୟାର ଗାଁର ଉକ୍ତ ଅଞ୍ଚଳରେ ଏବଂ ଏକକ ଅଭିପ୍ରାୟ ସାଧନାର୍ଥେ ଧରମବୀର ଏବଂ ଯୋଗିନ୍ଦର ଜାଣିଶୁଣି କିତାବୋଙ୍କ ମୃତ୍ୟୁ ଘଟାଇ ହତ୍ୟା କରିଥିଲେ ଏବଂ ଏହିପରି ସେମାନେ ଆଇପିସିର ଧାରା 34 ସହିତ ଧାରା 303 ଅନୁଯାୟୀ ଦଣ୍ଡନୀୟ ଅପରାଧ କରିଥିଲେ । ପଞ୍ଚମତଃ, ସେହି ଦିନ, ସେହି ସମୟ ଏବଂ ସେହି ସ୍ଥାନ ଏବଂ ସେମାନଙ୍କର ଏକକ ଉଦ୍ଦେଶ୍ୟକୁ ଆଗକୁ ବଢ଼ାଇ, ତିନିଜଣ ଆବେଦନକାରୀ ଜାଣିଶୁଣି ବିଜେନ୍ଦରଙ୍କ ମୃତ୍ୟୁ ଘଟାଇ ହତ୍ୟା କରିଥିଲେ ଏବଂ ଏହିପରି ଆଇ.ପି.ସି.ର ଧାରା 302/34 ଅନୁଯାୟୀ ଦଣ୍ଡନୀୟ ଅପରାଧ କରିଥିଲେ ।

କୌତୁହଳର ବିଷୟ ହେଉଛି, ଏହି ମାମଲାରେ ଅଭିଯୁକ୍ତ-ଅପିଲକାରୀ ଧରମବୀରଙ୍କ ଦ୍ୱାରା ଏ.ଏସ୍.ଆଇ. ବିନୋଦ କୁମାର (ପି.ଡବ୍ଲ୍ୟୁ. 12) ଙ୍କ ସମ୍ମୁଖରେ ଏତଲା ଦାଖଲ କରାଯାଇଥିଲା, କିନ୍ତୁ ତଦନ୍ତ ସମୟରେ ସେ ଜାଣିବାକୁ ପାଇଥିଲେ ଯେ ଧରମବୀର ଏବଂ ଅନ୍ୟ ଦୁଇଜଣ ବ୍ୟକ୍ତି ହିଁ ଆକ୍ରମଣକାରୀ ଥିଲେ ଏବଂ ତଦନ୍ତ ପରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଥିଲା । ବିଚାର ସମୟରେ ଏବଂ ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ, ଅଭିଯୋଜନ ପକ୍ଷ ପ୍ରେମ ସାଗର (ପି.ଡବ୍ଲ୍ୟୁ. 15) ଙ୍କ ବିବୃତ୍ତି ଉପରେ ନିର୍ଭର କରିଥିଲା, ଯିଏକି ଜଣେ ପ୍ରତ୍ୟକ୍ଷଦର୍ଶୀ ବୋଲି ଦାବି କରିଥିଲେ । ବିଚାରଣ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟ ତାଙ୍କ ପ୍ରମାଣକୁ ବିଶ୍ୱସନୀୟ, ଦୃଢ ବୋଲି ଦର୍ଶାଇଥିଲେ ଏବଂ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୋଷୀ ସାବ୍ୟସ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ଉପରୋକ୍ତ ଦଣ୍ଡାଦେଶ ଜାରି କରିଥିଲେ । ଦୁଇ ଜଣଙ୍କ ଉପରେ ଲାଗୁ ହୋଇଥିବା ମୃତ୍ୟୁଦଣ୍ଡକୁ ଦୃଷ୍ଟିରେ ରଖି, ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973 ର ଧାରା 366 (ସଂକ୍ଷେପରେ 'ସିଆରପିସି') ଅନୁଯାୟୀ ନିଶ୍ଚିତ କରିବା ପାଇଁ ଉଚ୍ଚ ନ୍ୟାୟାଳୟକୁ ବିଚାରାର୍ଥେ ପ୍ରେରଣ କରାଯାଇଥିଲା । ଉପରେ ଉଲ୍ଲେଖ କରାଯାଇଥିବା ପରି, ଉଚ୍ଚ ନ୍ୟାୟାଳୟ ମୃତ୍ୟୁଦଣ୍ଡକୁ ଆଜୀବନ କାରାଦଣ୍ଡରେ ପରିଣତ କରିଥିଲେ । ଅଭିଯୁକ୍ତ ବ୍ୟକ୍ତିମାନେ ସେମାନଙ୍କର ଦଣ୍ଡବିଧାନ ଏବଂ ଦଣ୍ଡାଦେଶ ବିଷୟରେ ରାୟର ସଠିକତା ଉପରେ ପ୍ରଶ୍ନ ଉଠାଇଥିବାବେଳେ, ସୂଚନାଦାତା ଯୁକ୍ତି ଦର୍ଶାଇଛନ୍ତି ଯେ ଉଚ୍ଚ ନ୍ୟାୟାଳୟ ମୃତ୍ୟୁଦଣ୍ଡକୁ ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରିବାରେ ନ୍ୟାୟସଙ୍ଗତ ନଥିଲେ । ରାଜ୍ୟ ପାଇଁ ବିଜ୍ଞ ଓକିଲଙ୍କ ଦ୍ୱାରା ଏହା ସ୍ୱୀକାର କରାଯାଇଛି ଯେ ମୃତ୍ୟୁଦଣ୍ଡକୁ ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରିବା ପାଇଁ ରାଜ୍ୟ ଦ୍ୱାରା କୌଣସି ଅପିଲ କରାଯାଇ ନାହିଁ ।

ଆମେ ପକ୍ଷମାନଙ୍କ ବିଜ୍ଞ ଓକିଲମାନଙ୍କୁ ବିସ୍ତୃତ ଭାବରେ ଶୁଣିଛୁ । ଅପିଲକାରୀମାନଙ୍କ ପକ୍ଷରୁ ବିଜ୍ଞ ଓକିଲ ଉପସ୍ଥାପନ କରିଥିଲେ ଯେ, ପି.ଡବ୍ଲ୍ୟୁ. 15ଙ୍କ ସାକ୍ଷ୍ୟ ବିଶ୍ୱାସଯୋଗ୍ୟ ମନେ ହୁଏ ନାହିଁ ଏବଂ ତାହା ଅତ୍ୟନ୍ତ ସନ୍ଦେହଜନକ ଅଟେ । ଘଟଣା ପରେ ତାଙ୍କର ଆଚରଣ ମଧ୍ୟ ସନ୍ଦେହଜନକ ଅଟେ, ଯେତେବେଳେ ଯାତାୟାତର ସୁବିଧା ଉପଲବ୍ଧ ଥିଲା, ସେତେବେଳେ ସେ ନିଜ ଗ୍ରାମ ଦିଗକୁ ବହୁ ଦୂର ପର୍ଯ୍ୟନ୍ତ ପାଦରେ ଯାତ୍ରା କରିଥିବା ଏବଂ ପୁନର୍ବାର ଘଟଣାସ୍ଥଳକୁ ପାଦରେ କିମ୍ବା ଅସୁବିଧାଜନକ ଯାତାୟାତ ମାଧ୍ୟମରେ ଫେରିଥିବା କଥା ଅତ୍ୟନ୍ତ ଅସ୍ୱାଭାବିକ ଓ ଅବିଶ୍ୱସନୀୟ ପ୍ରତୀତ ହୁଏ । ଏହା ମଧ୍ୟ ଉପସ୍ଥାପନା କରାଗଲା ଯେ, ଅଭିଯୁକ୍ତ କରମବୀରଙ୍କ ସମ୍ପର୍କରେ

ଅଭିଯୋଜନ ପକ୍ଷ ତାଙ୍କର ଭୂମିକାକୁ ପ୍ରମାଣିତ କରିନାହାଁନ୍ତି । ଆଇପିସିର ଧାରା 34ର ପ୍ରୟୋଗ ଦ୍ୱାରା ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି । ବାସ୍ତବରେ, ପି.ଡବ୍ଲ୍ୟୁ.-15 ସ୍ପଷ୍ଟ ଭାବେ କହିଛନ୍ତି ଯେ କିତାବୋ ଏବଂ ଦଲବୀରଙ୍କୁ ଆକ୍ରମଣ କରାଯିବା ସମୟରେ ସେ ଉପସ୍ଥିତ ନଥିଲେ । ସେ ମୃତ ବିଜେନ୍ଦରଙ୍କୁ ଅନୁସରଣ କରିଥିବା ଏବଂ ସେ ପଳାଇବାକୁ ଚେଷ୍ଟା କରୁଥିବାବେଳେ ତାଙ୍କୁ ଅଟକାଇଥିବାର ଅନୁମାନ କରାଯାଏ । ପି.ଡବ୍ଲ୍ୟୁ.-15 ତାଙ୍କ ଜେରାରେ ସ୍ପଷ୍ଟ ଭାବେ ସ୍ୱୀକାର କରିଛନ୍ତି ଯେ ଅଭିଯୁକ୍ତ ଧରମବୀର ହିଁ ତାଙ୍କୁ ତଳେ ପକାଇଥିଲେ । ଏହା ମଧ୍ୟ ଯୁକ୍ତି ହୋଇଛି ଯେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଲକ୍ଷ୍ୟ କରାଯାଇଥିବା ପରିସ୍ଥିତିରେ ଆଜୀବନ କାରାଦଣ୍ଡରେ ହସ୍ତକ୍ଷେପ କରିବାର କୌଣସି ଅବସର ନାହିଁ । ରାଜ୍ୟ ପାଇଁ ବିଜ୍ଞ ଓକିଲ ଦର୍ଶାଇଛନ୍ତି ଯେ ଅଭିଯୁକ୍ତ-କରମବୀରଙ୍କ ପାଇଁ ଧାରା 34 ସ୍ପଷ୍ଟ ଭାବରେ ପ୍ରଯୁଜ୍ୟ । ପି.ଡବ୍ଲ୍ୟୁ.15ଙ୍କ ଦ୍ୱାରା ଅସାବଧାନତାବଶତଃ କୁହାଯାଇଥିବା କଥା ଯେ ଅଭିଯୁକ୍ତ ଧରମବୀର ମୃତକ ବିନୋଦଙ୍କୁ ତଳେ ପକାଇ ଦେଇଥିବା ଘଟଣାକୁ ଏତେ ବଡ଼େଇ କରି ଦେଖାଯାଇପାରିବ ନାହିଁ ଯେ, ତାହାର ଆଧାରରେ ଅଭିଯୁକ୍ତ କରମବୀରଙ୍କ ସମ୍ପୃକ୍ତତାକୁ ସମ୍ପୂର୍ଣ୍ଣ ଭାବେ ଅସ୍ୱୀକାର କରାଯିବ । ସୂଚନାଦାତା-ଅପିଲକାରୀଙ୍କ ବିଜ୍ଞ ଓକିଲ ପ୍ରେମ ସାଗର ଉପସ୍ଥାପନ କରିଥିଲେ ଯେ ଏଭଳି ଏକ ନୃଶଂସ ହତ୍ୟାକାଣ୍ଡ ମାମଲାରେ, ଯେଉଁଥିରେ ତିନି ଜଣ ବ୍ୟକ୍ତି ପ୍ରାଣ ହରାଇଥିଲେ, ବିଚାରଣ ନ୍ୟାୟାଳୟ ମୃତ୍ୟୁ ଦଣ୍ଡାଦେଶ ଦେବା ଯଥାର୍ଥ ଥିଲା ଏବଂ ଉଚ୍ଚ ନ୍ୟାୟାଳୟ ଏଥିରେ ହସ୍ତକ୍ଷେପ କରିବା ଉଚିତ ନଥିଲା ।

ଆମେ ରାୟ ଏବଂ ନଥିରେ ଥିବା ପ୍ରମାଣକୁ ଅନୁଧ୍ୟାନ କରିଛୁ । ପି.ଡବ୍ଲ୍ୟୁ. 15ର ପ୍ରମାଣ ଉପରେ ବିଚାରଣ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟ ସଠିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଏହି ସାକ୍ଷୀ ଉଭୟ ମୃତକ ଏବଂ ଅଭିଯୁକ୍ତଙ୍କ ସମ୍ପର୍କୀୟ । ତେଣୁ ସେ କାହିଁକି ଅଭିଯୁକ୍ତମାନଙ୍କୁ ମିଥ୍ୟା ଭାବରେ ଫସାଇବେ ତାହାର କୌଣସି କାରଣ ନାହିଁ । ଏହା ସହିତ, ବିସ୍ତୃତ ଜେରା ସତ୍ତ୍ୱେ ମଧ୍ୟ ତାଙ୍କ ସାକ୍ଷ୍ୟରେ କୌଣସି ଅଦୃଢତା କିମ୍ବା ଅବିଶ୍ୱସନୀୟତା ପ୍ରକାଶ ପାଇନାହିଁ ।ତାଙ୍କର ପ୍ରମାଣ ଦୃଢ଼, ସତ୍ୟ ଏବଂ ବିଶ୍ୱାସଯୋଗ୍ୟ । ତେଣୁ, ଅଭିଯୁକ୍ତ-ଧରମବୀରଙ୍କ ଦଣ୍ଡାଦେଶକୁ ଦୋଷ ଦିଆଯାଇପାରିବ ନାହିଁ । ସେହିଭଳି, ଅଭିଯୁକ୍ତ-ଯୋଗିନ୍ଦରଙ୍କ ମାମଲାରେ, ଯାହାଙ୍କ ମୃତ୍ୟୁ କାରଣରୁ ତାଙ୍କ ବିରୋଧରେ ଆବେଦନକୁ ଅବସାନ କରାଯାଇଛି । ଅଭିଯୁକ୍ତ କରମବୀରଙ୍କ ସମ୍ପର୍କରେ, ଅପିଲକାରୀମାନଙ୍କ ପକ୍ଷରୁ ବିଜ୍ଞ ଓକିଲଙ୍କ ଦ୍ୱାରା ଉପସ୍ଥାପିତ ପରିସ୍ଥିତିକୁ ଦୃଷ୍ଟିରେ ରଖିଲେ, ଅଭିଯୋଗ ପକ୍ଷ ତାଙ୍କୁ ଘଟଣା ସହିତ ଏପରି ଭାବରେ ସଂଯୁକ୍ତ କରିପାରିନାହିଁ, ଯାହା ଆଇପିସି ର ଧାରା 34 ର ପ୍ରୟୋଗକୁ ଆକର୍ଷିତ କରିପାରିବ । ଯେତେବେଳେ ପ୍ରତ୍ୟକ୍ଷଦର୍ଶୀ (ପି.ଡବ୍ଲ୍ୟୁ.-15) ନିଜେ କହିଥିଲେ ଯେ ଅଭିଯୁକ୍ତ-ଧରମବୀର ହିଁ ମୃତକ-ବିଜେନ୍ଦରଙ୍କୁ ତଳେ ପକାଇଦେଇଥିଲେ, ସେତେବେଳେ ଉଚ୍ଚ ନ୍ୟାୟାଳୟ ଏହା ଅସାବଧାନତାବଶତଃ ବୋଲି କହିବା ଉଚିତ ନଥିଲା । ଯଦି ଏହା ପ୍ରକୃତରେ ଏପରି ହୋଇଥାଆନ୍ତା, ତେବେ ବିଚାରଣ ନ୍ୟାୟାଳୟ ସମ୍ମୁଖରେ ଭିନ୍ନ ମାର୍ଗ ଗ୍ରହଣ କରିବାର ଥିଲା, ଯାହା ଅଭିଯୋଜନ ପକ୍ଷ କରିନଥିଲା । ଏପରି ପରିସ୍ଥିତିରେ, ଅଭିଯୁକ୍ତ-ଅପିଲକାରୀ କରମବୀରଙ୍କ ବିରୁଦ୍ଧରେ ହୋଇଥିବା ଦୋଷସିଦ୍ଧିକୁ ବଜାୟ ରଖାଯାଇପାରିବ ନାହିଁ ଏବଂ ତାହାକୁ ବାତିଲ କରାଯାଉଛି । ଅନ୍ୟ କୌଣସି ମାମଲାରେ ଆବଶ୍ୟକ ନ ପଡ଼ିଲେ ତାଙ୍କୁ ତୁରନ୍ତ ମୁକ୍ତ କରାଯିବ ।

ସୂଚନାଦାତାଙ୍କ ଦ୍ୱାରା ଦାୟର କରାଯାଇଥିବା ଅପିଲକୁ ବିଚାର କରିବାକୁ ଗଲେ, ଆମେ ଦେଖୁଛୁ ଯେ ଉଚ୍ଚ ନ୍ୟାୟାଳୟ ଏହି ନ୍ୟାୟାଳୟର ବିଭିନ୍ନ ରାୟ ଏବଂ କେଉଁ ପରିସ୍ଥିତିରେ ମୃତ୍ୟୁଦଣ୍ଡ ଉପଯୁକ୍ତ ହେବ ସେ ସମ୍ବନ୍ଧରେ ପ୍ରତିପାଦିତ ସିଦ୍ଧାନ୍ତଗୁଡ଼ିକୁ ବିଚାରକୁ ନେଇଛନ୍ତି । ପ୍ରତ୍ୟେକ ହତ୍ୟାକାଣ୍ଡରେ ବର୍ବରତା ନିହିତ ଥାଏ, କିନ୍ତୁ ପ୍ରତ୍ୟେକ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡ ଦିଆଯାଇନଥାଏ । ଆଜୀବନ କାରାଦଣ୍ଡ ହେଉଛି ନିୟମ ଏବଂ ମୃତ୍ୟୁଦଣ୍ଡ ହେଉଛି ବ୍ୟତିକ୍ରମ । ବିରଳରୁ ବିରଳତମ ମାମଲାରେ ପରବର୍ତ୍ତୀ ଦଣ୍ଡାଦେଶ ଲାଗୁ କରାଯାଇଥାଏ । ଉଚ୍ଚ ନ୍ୟାୟାଳୟ ଦ୍ୱାରା ଉଲ୍ଲେଖିତ ହ୍ରାସକାରୀ ପରିସ୍ଥିତିଗୁଡ଼ିକୁ ବିଚାରକୁ ନେଇ, ଆମେ ଆଜୀବନ କାରାଦଣ୍ଡକୁ ପରିବର୍ତ୍ତନ କରି ମୃତ୍ୟୁଦଣ୍ଡ ଦେବା ପାଇଁ କୌଣସି ହସ୍ତକ୍ଷେପର ସୁଯୋଗ ଦେଖୁନାହୁଁ ।

ଫଳସ୍ୱରୂପ, ଫୌଜଦାରୀ ଅପିଲ ସଂଖ୍ୟା 242/2003 କୁ ଅଭିଯୁକ୍ତ କରମବୀରଙ୍କ ସମ୍ପର୍କରେ ଦୋଷମୁକ୍ତି ପ୍ରଦାନ କରାଯାଇ ଆଂଶିକ ଭାବେ ଅନୁମୋଦନ କରାଯାଉଛି; କିନ୍ତୁ ଅଭିଯୁକ୍ତ ଧରମବୀରଙ୍କ ଦୋଷସିଦ୍ଧିକୁ କାଏମ ରଖାଯାଉଛି । ସୂଚନାଦାତା-ପ୍ରେମ ସାଗରଙ୍କ ଦ୍ୱାରା ଦାଖଲ କରାଯାଇଥିବା ଫୌଜଦାରୀ ଆବେଦନ ସଂଖ୍ୟା 243/2003 କୁ ଖାରଜ କରିଦିଆଯାଇଛି ।

ଭି.ଏସ୍.ଏସ୍.

ଫୌଜଦାରୀ ଅପିଲ ସଂଖ୍ୟା 243/03 ଖାରଜ ହେଲା
ଫୌଜଦାରୀ ଅପିଲ ସଂଖ୍ୟା 242/03 ଅନୁମୋଦିତ ହେଲା

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।